# Akashvani, Sambalpur

## SAMBALPURI NEWS EVENING BULLETIN

**14 April 2024- 7.02 pm- 7.12 pm.**

*********************************************

୧- ରାଏଜେ ଆଏଜ୍ ପାଲିତ୍ ହେଇଛେ ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନୂଆବଛର୍ ଆର୍ ହନୁମାନ୍ ଜୟନ୍ତୀ ।

୨- ଭାରତୀୟ ଜନତା ପାର୍ଟି ତର୍ଫୁ ଜାରି କରାଗଲା ସାଧାରଣ ନିର୍ବାଚନ୍ ବାବଦ୍ ସଂକଳ୍ପ ପତ୍ର ।

୩- ସମ୍ବିଧାନ୍ ପ୍ରଣେତା ବାବା ସାହେବ ଡକ୍ଟର୍ ଭୀମରାଓ ଆମ୍ବେଦକରଙ୍କର୍ ଜୟନ୍ତୀ ଅବ୍‌ସରେ ସାରା ଦେଶ୍ ଜନାଲା ଶ୍ରଦ୍ଧାଞ୍ଜଳି ।

ଆଉର୍

୪- ରାଏଜେ ଫେର୍ ବଢ଼୍‌ଲା ତାତି- ପଶ୍ଚିମ ଓଡ଼ିଶା ନ ୩୫ ନୁ ୪୦ ଡିଗ୍ରୀ ଭିତ୍‌ରେ ପାରା ।

ମହାବିଷୁବ ସଂକ୍ରାନ୍ତି      ସମ୍ବଲପୁର୍
ସମ୍ବାଦଦାତା/ ବୌଦ୍ଧ/ ଦେବ୍ଗଡ୍/ ସୁବର୍ଣ୍ଣପୁର୍/ ନୂଆପଡ଼ା

ଆଏଜ୍ ହେଉଛେ ମହାବିଷୁବ ସଂକ୍ରାନ୍ତି । ଆଝିର୍ ଦିନ୍ଠାନୁ ବସନ୍ତ ଋତୁ ଶେଷ୍ ହେଇକରି ଗ୍ରୀଷ୍ମଋତୁ ଆରମ୍ଭ ହେସି । ସୂର୍ଯ୍ୟଙ୍କର୍ ତାପ ବଢ଼୍ସି । ଦିହିର୍ ତାପ୍କେ କମ୍ କର୍ବାର୍ ଲାଗି ପନା ପିଇବାର୍ ପରମ୍ପରା ରହିଛେ । ହେଥିର୍ଲାଗି ଆଝିର୍ ଦିନ୍କେ ପଣା ସଂକ୍ରାନ୍ତି ଭାବେ ପାଲନ୍ କରାଯାଏସି । ଓଡ଼ିଆ ପାଞ୍ଜି ହିସାବେ ମହାବିଷୁବ ସଂକ୍ରାନ୍ତି ବଛର୍ର ପହେଲା ଦିନ୍ ହେଇଥିବାର୍ନୁ ଆଝିର୍ ଦିନ୍କେ ଓଡ଼ିଆ ନୂଆବଛର୍ ଭାବେ ଭିଲ୍ ପାଲନ୍ କରାଯାଏସି । ବଛର୍ ମୁଲ୍ ହେଉଥିବାର୍ନୁ ଘରେ ଘରେ ଦେ' ଦେବ୍ତାଙ୍କର୍ ଠାନେ ଖାସ୍ ପୂଜା କରାଯାଉଛେ ।

ପଣାସଂକ୍ରାନ୍ତି ଆର୍ ଓଡ଼ିଆ ନୂଆବଛର୍ ଅବ୍ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାମାଜିକ ଗଣମାଧ୍ୟମ୍ ଜରିଏ ଓଡ଼ିଶା ଆର୍ ଦେଶ୍ବିଦେଶ୍ ନ ରହୁଥିବା ଓଡ଼ିଆମାନ୍କୁ ଅଭିନନ୍ଦନ୍ ଜନେଇଛନ୍ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାବିଷୁବ ସଂକ୍ରାନ୍ତି ଅବ୍ସରେ ଦେଶ୍ବାସୀଙ୍କୁ ଶୁଭେଚ୍ଛା ଜନାବାର୍ ସଙ୍ଗେ ସମ୍କିରିର୍ ସୁଖ ଆର୍ ସମୃଦ୍ଧି କାମନା କରିଛନ୍ ।

ରାଜ୍ୟପାଲ୍ ରଘୁବର୍ ଦାସ ଆର୍ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ପବିତ୍ର ମହାବିଷୁବ ସଂକ୍ରାନ୍ତି ଆର୍ ଓଡ଼ିଆ ନବବର୍ଷର୍ ପହେଲା ଦିନେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଆର୍ ଅଭିନନ୍ଦନ୍

ଜନେଇଛନ୍ । ଓଡ଼ିଶାକେ ଦେଶର୍ ଶ୍ରେଷ୍ଠ ରାଜ୍ୟ କର୍ବାର୍ ଲାଗି ସଭେ ମନ୍ ଭରିକରି କାମ୍ କର୍ବାର୍କେ ରାଜ୍ୟପାଲ୍ ତାଙ୍କର୍ ବାର୍ତାଥି ଆହ୍ୱାନ୍ କରିଛନ୍ ।

ସେନ୍ତା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଓଡ଼ିଆ ନୂଆବଛର୍ ଆର୍ ମହାବିଷୁବ ସଂକ୍ରାନ୍ତି ଅବ୍ସରେ ଶୁଭେଚ୍ଛା ଜନାବାର୍ ସଙ୍ଗେ ବିକଶିତ୍ ଭାରତ୍ ଆର୍ ବିକଶିତ୍ ଓଡ଼ିଶା ଗଢ଼୍ବାର୍ ଲାଗି ସଭେ ସଂକଳ୍ପ ନେବାର୍କେ ଆହ୍ୱାନ୍ ଦେଇଛନ୍ ।

ପଣା ସଂକ୍ରାନ୍ତି ସଙ୍ଗେ ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ଦଣ୍ଡଯାତ୍ରା, ଚଡ଼କ୍ ପର୍ବ, ଝାମୁଯାତ୍ରା, ହିଙ୍ଗୁଳା ଯାତ୍ରା ଆର୍ ପାଟୁଆ ଯାତ୍ରା ଶେଷ୍ ହେଇଛେ । ଇତାର୍ସଙ୍ଗେ ଆଏଜ୍ ଦେଶେ ପ୍ରଭୁ ଶ୍ରୀ ରାମଙ୍କର୍ ଭକ୍ତ ବୀର ଶ୍ରୀ ଶ୍ରୀ ହନୁମାନ୍ଙ୍କର୍ ଭିଲ୍ ଜନମ୍ ଦିନ୍ ପାଲନ୍ କରାଯାଉଛେ ।

ସମ୍ବଲ୍ପୁର୍ ସହର୍ ନ କଡ଼ା ସୁରକ୍ଷା ବନ୍ଦୋବସ୍ତ ଭିତ୍ରେ ହନୁମାନ୍ ଜୟନ୍ତୀ ପାଲନ୍ କରାଯାଉଛେ । ହେଲେ ଜିଲ୍ଲା ଶାନ୍ତି ଆଉ ସମନ୍ୱୟ ସମିତି ବୈଠକ୍ର ନିଷ୍ପତି ଅନ୍ସାରେ ଇ ବଛର୍ ହନୁମାନ୍ ଜୟନ୍ତୀ ଶୋଭାଯାତ୍ରା ନାଇଁ ହେଇ । ସେଆଡ଼େ କେହେନି ପ୍ରକାରର୍ ଅଘଟନ୍କେ ରୁକ୍ବାର୍ ଲାଗି ସହର୍ ନ ୨୩ ପ୍ଲାଟୁନ୍ ପୁଲିସ୍ ଫୋର୍ସ ଆର୍ ସିଆର୍ପିଏଫ୍ ଜବାନ୍ଙ୍କୁ ମୁତୟନ୍ କରାଯାଇଛେ ବଲି ଏସ୍.ପି. ମୁକେଶ୍ କୁମାର୍ ଭାମୁ ସୂଚ୍ନା ଦେଇଛନ୍ ।

ଦେବ୍‌ଗଡ଼୍ ଜିଲ୍ଲାର୍ ସବୁ ମନ୍ଦିର୍‌ମାନ୍‌କୁ ପଣାସଂକ୍ରାନ୍ତି ଅବ୍‌ସରେ ଖାସ୍ ପୂଜାପାଠ୍ କରାଯାଇଥିବାର୍ ବେଲେ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଦଣ୍ଡଯାତ୍ରା ଉଦ୍‌ଯାପନୀ ଆଉ ମେରୁ ପର୍ବ ହଉଛେ । ଦେବ୍‌ଗଡ଼୍‌ର୍ ଗୋପାଲଜୀଉ ମନ୍ଦିର୍ ପରିସର୍ ନ ଥିବା ହନୁମାନ୍ ମନ୍ଦିର୍ ନ ଖାସ୍ ପୂଜାପାଠ୍ ଉତ୍‌ରୁ ହନୁମାନ୍ ଭକ୍ତମାନେ ଗୁଟେ ଶୋଭାଯାତ୍ରାଥି ସହର୍ ପରିକ୍ରମା କରିଛନ୍ ।

ପଣାସଂକ୍ରାନ୍ତି ଆଉ ଓଡ଼ିଆ ନୂଆବଛର୍ ଅବ୍‌ସରେ ଭିନ୍ ଭିନ୍ ଅନୁଷ୍ଠାନ୍ ତର୍‌ଫୁ କବିତା ପାଠୋତ୍ସବର ଭିଲ୍ ଆୟୋଜନ୍ କରାଯାଇଛେ ।

ବୌଦ୍ଧ ଜିଲ୍ଲା ନ ପଣାସଂକ୍ରାନ୍ତି, ଓଡ଼ିଆ ନୂଆବଛର୍, ମେରୁ ସଂକ୍ରାନ୍ତି ଆର୍ ହନୁମାନ୍ ଜୟନ୍ତୀ ପାଲିତ୍ ହେଇଛେ । ଭିନ୍ ଭିନ୍ ଜାଗା ନ ଦଣ୍ଡଯାତ୍ରା ଉଦ୍‌ଯାପିତ୍ ହେଇଛେ । ଜିଲ୍ଲାର୍ କେତେ ଗାଁ ନ ଝାମୁଯାତ୍ରାଥି ଭକ୍ତମାନେ ୧୨ ହାତ୍ ଖଲା ନ ଥିବା ଜୁଏଥି ଖାଲି ପାଦେ ଚାଲିଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ପଣାସଂକ୍ରାନ୍ତି ସାଙ୍ଗେ ମେରୁ ପରବ୍ ପାଲିତ୍ ହେଇଯାଇଛେ । ସୁବର୍ଣ୍ଣପୁର୍‌ହ ଅଷ୍ଟଶମ୍ଭୁ ହନୁମାନ୍ ମନ୍ଦିର୍ ନ ପୂଜାପାଠ୍ ଉତ୍‌ରୁ ଭକ୍ତମାନେ ଗୁଟେ ଶୋଭାଯାତ୍ରାଥି ସହର୍ ପରିକ୍ରମା କରିଥିଲେ । ଭୀମଭୋଇ ଛକ ନ ଗୁଟେ କବିତା ପାଠୋତ୍ସବ୍ ହେଇଥିଲା ।

ନୂଆପଡ଼ା ଜିଲ୍ଲା ନ ପଣାସଂକ୍ରାନ୍ତି ସାଙ୍ଗେ ହନୁମାନ୍ ଜୟନ୍ତୀ ପାଲିତ୍ ହେଇଯାଇଛେ । ସିନାପାଲି ବ୍ଲକର ଗଣ୍ଡାବାହାଲି ଗାଁ

ପାଖର୍ ରାମ୍‌ଗଡ୍ ଠାନେ ହନୁମାନ୍‌ଙ୍କର୍ ଗୁଟେ ବଢ଼େ ପ୍ରତିମୂର୍ତି ଉନ୍ମୋଚନ୍ କରାଯାଇଛେ ।

ବିଜେପି ସଂକଳ୍ପ ପତ୍ର ଆର୍‌ଏନ୍‌ୟୁ/ କଟକ୍

ପବିତ୍ର ମହାବିଷୁବ ସଂକ୍ରାନ୍ତି ତିଥି ନ ଆଏଜ୍ ଭାରତୀୟ ଜନତା ପାର୍ଟି ତର୍‌ଫୁ ସାଧାରଣ୍ ନିର୍ବାଚନ୍ ବାବଦ୍ ସଂକଳ୍ପ ପତ୍ର ଜାରି କରାଯାଇଛେ । ନୂଆଦିଲ୍ଲୀର ମୁଖ୍ୟାଲୟ ନ ଦଲର୍ ବରିଷ୍ଠ ନେତା ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ, ଗୃହମନ୍ତ୍ରୀ ଅମିତ୍ ଶାହା ଆର୍ ଦଲର୍ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ୍ ନଡ୍ଡାଙ୍କର୍ ଉପସ୍ଥିତିଥି ସଂକଳ୍ପ ପତ୍ର ଉନ୍ମୋଚନ୍ କରାଯାଇଛେ । ଏକ୍ ଦେଶ୍ ଏକ୍ ନିର୍ବାଚନ୍ କର୍‌ବାର୍‌କେ ବିଜେପି ସଂକଳ୍ପବଦ୍ଧ ବଲି ସେଥି କୁହାଯାଇଛେ । ଇତାର୍‌ଛଡ଼ା ମୁଦ୍ରା ଯୋଜ୍‌ନାଥି ଛୋଟ୍ ବ୍ୟବସାୟୀମାନ୍‌କୁ ୨୦ ଲାଖ୍ ଟଙ୍କାତକ୍ ଋଣ ଆର୍ ୭୦ ବଛର୍‌ନୁ ଅଏତ୍‌କା ବୟସର୍ ଲୁକ୍‌କୁ ଆୟୁସ୍ମାନ୍ ଭାରତ୍ ଯୋଜ୍‌ନାଥି ସାମିଲ୍ କରାଯିବା । ପାଇପ୍ ଜରିଏ ଘର୍‌କେ ରନ୍ଧା ଗେସ୍ ଯୁଗାବାର୍, ଦେଶର୍ ଗରିବ୍ ଲୋକ୍‌ମାନ୍‌କର୍ ଲାଗି ଆଉ ୩୦ କୋଟି ଘର୍ ତିଆର୍‌ବାର୍ ପ୍ରସଙ୍ଗକେ ବିଜେପିର୍ ସଂକଳ୍ପ ପତ୍ରଥି ପ୍ରାଥମିକତା ଦିଆଯାଇଛେ । ସଂକଳ୍ପ ପତ୍ରଥି ଯୁଆନ୍ ପିଢ଼ି, ମହିଳା ଆର୍ ଗରିବ୍

ଲୋକ୍‌ମାନ୍‌କର୍ କଲ୍ୟାଣ୍ ଦେଶର୍ ଉତର୍, ଦକ୍ଷିଣ ଆର୍ ପୂର୍ବ ଭାଗ୍‌କେ ବୁଲେଟ୍ ଟ୍ରେନ୍ ଚାଲ୍‌ବାର୍ ସଙ୍ଗେ ଆହୁରି ଖୋବ୍‌ଟେ ଜନହିତକର ଆଉ ବିକାଶ୍‌ମୂଲକ୍ ପ୍ରସଙ୍ଗ ଠାନ୍ ପାଇଛେ । ସଂକଳ୍ପ ପତ୍ରକେ ଉନ୍ମୋଚନ୍ କରିକରି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ ଦେଶର୍ ଭଲ୍ ଲାଗି ସମାନ୍ ନାଗରିକ୍ ସଂହିତା, ୟୁସିସି ଦର୍‌କାର୍ ଆଏ । ଇତାର୍‌ସଙ୍ଗେ ଭାରତ୍ ଅଲମ୍ପିକ୍ ଖେଲ୍ ଆୟୋଜନ୍ କର୍‌ବା ବଲି ସେ କହିଛନ୍ ।

ଆମ୍ବେଦ୍‌କର୍ ଜୟନ୍ତୀ

ସମ୍ବଲପୁର୍/ ଦେବ୍‌ଗଡ଼୍/ ବୌଦ୍ଧ/ ନୂଆପଡ଼ା/ ସୁବର୍ଣ୍ଣପୁର/ ବର୍‌ଗଡ଼୍

ଭାରତୀୟ ସମ୍ବିଧାନ୍‌ର ପ୍ରଣେତା ବାବାସାହେବ ଡକ୍ଟର୍ ଭିମ୍‌ରାଓ ଆମ୍ବେଦକର୍‌ଙ୍କର୍ ଆଏଜ୍ ଶହେ ୩୪ ନମ୍ବର୍ ଜନମ୍ ଦିନ୍ । ୧୮୯୧ ମସିହା ଆଝିର୍ ଦିନେ ମଧ୍ୟପ୍ରଦେଶ୍‌ର ମାହୁ ନ ବାବା ସାହେବ୍ ଜନମ୍ ହେଇଥିଲେ ।  ତାଁକର୍ ଦ୍ୱାରା ତିଆର୍ କରାଯାଇଥିବା ସମ୍ବିଧାନ୍ ୧୯୫୦ ମସିହା ଜାନୁଆରୀ ମାସ ୨୬ ତାରିଖିଥି ଦେଶେ ଲାଗୁ କରାଯାଇଥିଲା । ଡକ୍ଟର୍ ଆମ୍ବେଦକର ଦେଶର୍ ପହେଲା ଆଇନ୍‌ମନ୍ତ୍ରୀ ଥିଲେ । ଦଲିତ୍ ଆଉ ପଛୁଆ ବର୍ଗର୍ ଲୋକ୍‌ମାନ୍‌କର୍ ସ୍ୱାର୍ଥ ଆର୍ ସ୍ୱାଭିମାନ୍ ରକ୍ଷା ଲାଗି ତାଁକର୍ ଅବଦାନ୍ ଅତୁଳନୀୟ ଆଏ । ଇ ମହାନ୍ ନେତାଙ୍କର୍ ଅବଦାନ୍

ଲାଗି ୧୯୯୦ ମସିହାଥି ତାଁକୁ ମରଣୋତର ଭାବେ ଭାରତ୍ ରତ୍ନ ପୁରସ୍କାର୍ ଦିଆଯାଇଥିଲା । ବାବାସାହେବଙ୍କୁ ଶ୍ରଦ୍ଧାଞ୍ଜଳି ଜନାବାର୍‌କେ ଦେଶର୍ ରାଜ୍‌ଧାନୀ ଦିଲ୍ଲୀନୁ ପଲ୍ଲୀତକ୍ ଚାର୍‌ହିଆଡ଼େ କାର୍ଯ୍ୟକ୍ରମ୍ ମାନ୍ ହେଇଛେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ସଖାଲେ ଦିଲ୍ଲୀର୍ ସଂସଦ୍ ପରିସର୍ ନ ଥିବାର୍ ବାବା ସାହେବଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ କରିଥିଲେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ୍ ଜରିଏ ଡକ୍ଟର୍ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ସେନ୍ତା ରାଜ୍ୟପାଲ୍ ରଘୁବର୍ ଦାସ ଆର୍ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଭିଲ୍ ସାମାଜିକ ଗଣମାଧ୍ୟମ୍ ଜରିଏ ଡକ୍ଟର୍ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ସମ୍ବଲ୍‌ପୁର୍‌ର ମୁଦିପଡ଼ା ଛକ୍ ନ ଥିବା ବାବାସାହେବଙ୍କର୍ ପ୍ରତିମୂର୍ତି ନ ଭିନ୍ ଭିନ୍ ସଂଗଠନ୍ ସହେତେ ବରିଷ୍ଠ ନାଗରିକ୍‌ମାନେ ମାଲ୍ୟାର୍ପଣ କରିଥିଲେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ବାବା ସାହେବଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରିକରି ତାକର୍ ବିଚାର୍ ଆର୍ ଆଦର୍ଶ ସମ୍‌କିରିର୍ ଲାଗି ପ୍ରେରଣାର ଉସ୍ସ ହେଇକରି ରହେବା ବଲି କହିଛନ୍ । ରୋହିଦାସ୍‌ନଗର୍ ଆର୍ ଆମ୍ବେଦକର ନଗର୍ ନ ଜୟନ୍ତୀ କାର୍ଯ୍ୟକ୍ରମ୍ ହେଇଥିଲା ।

ଦେବ୍‌ଗଡ଼୍ ସୂଚନା କେନ୍ଦ୍ର ନ ହେଇଥିବା ଜୟନ୍ତୀ କାର୍ଯ୍ୟକ୍ରମ୍‌ଥି ଉପଜିଲ୍ଲାପାଲ୍ ପରକ୍ଷୀତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ୍

ଦେଇକରି ବାବାସାହେବ ଆମ୍ବେଦକରଙ୍କର୍ ଜୀବନ୍ ଦର୍ଶନ୍ ଉପ୍‌ରେ ବକ୍ତବ୍ୟ ରଖିଥିଲେ ।

ବୌଦ୍ଧ ନ ଜିଲ୍ଲାପାଲ୍ ଜେ. ସୋନାଲ୍‌ଙ୍କର୍ ସହେତେ ବରିଷ୍ଠ ଅଧିକାରୀ ଆର୍ ଭିନ୍ ଭିନ୍ ସଂଗଠନ୍‌ର କର୍ମକର୍ତାମାନେ ବାବା ସାହେବଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ କରିଥିଲେ । ବୌଦ୍ଧ ଜିଲ୍ଲା ପାଠାଗାର୍ ନ ହେଇଥିବା ଜୟନ୍ତୀ ସଭାଥି ରାଷ୍ଟ୍ରପତି ପୁରସ୍କାର୍ ପାଇଥିବା ଶିକ୍ଷକ୍ ବସନ୍ତ ସାହୁ, ଅଧ୍ୟାପକ ପ୍ରତାପ ରଥ ଆର୍ ସାହିତ୍ୟିକ ନୀଳଲୋହିତ ମହାପାତ୍ର, ଡକ୍ଟର୍ ଆମ୍ବେଦକରଙ୍କର୍ ଜୀବନ୍ ଦର୍ଶନ୍ ଉପ୍‌ରେ ଭାଷଣ୍ ଦେଇଥିଲେ ।

ନୂଆପଡ଼ା ଜିଲ୍ଲାର୍ ଖଡ଼ିଆଲ୍ ନ ଖୋବ୍‌ସଂଖ୍ୟାଥି ଲୁକେ ଗୁଟେ ଶୋଭାଯାତ୍ରାଥି ଆମ୍ବେଦକର ଛକ୍‌କେ ଯାଇକରି ବାବାସାହେବଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ କରିଥିଲେ । ସେନ୍ତା ଡୁଆଝର୍ ଗାଁ ପାଖର୍ ଆମ୍ବେଦକର ଛକ ନ ଧୁମ୍‌ଧାମ୍‌ଥି ବାବା ସାହେବଙ୍କର୍ ଜୟନ୍ତୀ ପାଲନ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍ ନ ଜିଲ୍ଲାପାଲ୍ ଅନ୍ୟା ଦାସଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ବାବା ସାହେବଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ କରିଥିବାର୍ ବେଳେ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟର୍ ସମ୍ମିଳନୀ କକ୍ଷ ନ ହେଇଥିବା ସଭାଥି ଅତିରିକ୍ତ ଜିଲ୍ଲାପାଲ୍ ଅଞ୍ଜଲିନା ପ୍ରଧାନ୍ ଆର୍ ଜିଲ୍ଲା ମୁଖ୍ୟ ଉନ୍ନୟନ ଆଉ ନିର୍ବାହୀ ଅଧିକାରୀ ଅଶ୍ୱିନୀ

ମେହେର୍ ଭାରତୀୟ ଗଣତନ୍ତ୍ରକେ ଜବର୍ କର୍‌ବାର୍ ଲାଗି ଆମ୍ବେଦକରଙ୍କର୍ ଭୂମିକା ଉପ୍‌ରେ ବକ୍ତବ୍ୟ ରଖିଥିଲେ ।

ବର୍‌ଗଡ଼୍ କଚ୍‌ରୀ ସାମ୍ନା ନ ଥିବା ଆମ୍ବେଦକରଙ୍କର୍ ପ୍ରତିମୂର୍ତିଥି ଜିଲ୍ଲାପାଲ୍ ଆଦିତ୍ୟ ଗୋୟେଲ୍, ଏସ୍.ପି. ପ୍ରହଲ୍ଲାଦ୍ ସହାୟ ମୀନାଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ମାଲ୍ୟାର୍ପଣ କରିଥିଲେ । ଇତାର୍‌ସଙ୍ଗେ ଜିଲ୍ଲା ନ ଭିନ୍ ଭିନ୍ ଅନୁଷ୍ଠାନ୍ ତର୍‌ଫୁ ବାବା ସାହେବଙ୍କର୍ ଜୟନ୍ତୀ କାର୍ଯ୍ୟକ୍ରମ୍ ହେଇଛେ ।

ଆୟକର ରିଟର୍ଣ୍ଣ          ଆର୍‌ଏନ୍‌ୟୁ/ କଟକ୍

ଯେନ୍ ବ୍ୟକ୍ତି ଆଉ ସଂସ୍ଥାମାନେ ଆୟକର ରିଟର୍ଣ୍ଣ ଦାଖଲ୍ କର୍‌ବାର୍ ଲାଗି ଯୋଗ୍ୟ ଆନ୍ ହେଲେ ରିଟର୍ଣ୍ଣ ଦାଖଲ୍ ନାଇଁ କର୍‌ବାର୍ ସେମାନେ ଯେନ୍ତା ରିଟର୍ଣ୍ଣ ଫାଇଲ୍ କର୍‌ବେ ହେଥିର୍‌ଲାଗି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ୍ ବୋର୍ଡ଼- ସିବିଡିଟି ତର୍‌ଫୁ ପଦକ୍ଷେପ୍ ନିଆଯାଉଛେ । ଆୟକର ବିଭାଗ୍‌ନୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଦେଶେ ଚିହ୍ନଟ୍ କରାଯାଇଥିବା ୧ କୋଟି ୫୨ ଲାଖ୍ ଯେନ୍ତା ଆୟକର ରିଟର୍ଣ୍ଣ ଦାଖଲ୍ କର୍‌ବେ ସେଥିର୍‌ଲାଗି ସେମାନ୍‌କୁ ସିବିଡିଟି ତର୍‌ଫୁ ଯୋଗାଯୋଗ କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ୨୦୨୨ -୨୩ ଆର୍ଥିକ୍ ବଛ୍‌ରେ ୮ କୋଟି ୯୦ ଲାଖ୍ ଟିକସ୍ ଦାତାଙ୍କର୍ ଭିତ୍‌ରୁ ୭ କୋଟି ୪୦ ଲାଖ୍ ଟିକସ୍ ଦାତା ରିଟର୍ଣ୍ଣ ଫାଇଲ୍ କରିଥିଲେ । ଟିଡିଏସ୍

କଟୁଥିଲେ ଭିଲ୍ ୧୯ ଦଶ୍ମିକ୍ ୭ ନିୟୁତ ଲୋକ୍ ଆୟକର ରିଟର୍ଣ୍ଣ ଦାଖଲ୍ ନାଇଁ କରୁଥିବାର୍ ଜନାପଡ଼ିଛେ ।

ଆଂଚଲିକ୍ ସମ୍ବାଦ୍-ସମୟ ପରିବର୍ତ୍ତନ୍ ଆର୍ଏନ୍ୟୁ/ କଟକ୍

ସାଧାରଣ ନିର୍ବାଚନ୍ ଲାଗି ଭିନ୍ ଭିନ୍ ରାଜନୈତିକ୍ ଦଲ୍ ତର୍ଫୁ ଆକାଶ୍ବାଣୀ ଜରିଏ ସେମାନ୍କର୍ ଦଲର୍ ଆଭିମୁଖ୍ୟ ବାବ୍ଦେ ପ୍ରସାରଣ୍ କରାଯାଉଛେ । ହେଥିର୍ଲାଗି ଆକାଶ୍ବାଣୀ କଟକ୍ କେନ୍ଦ୍ରନୁ ପ୍ରସାରଣ୍ ହେଉଥିବା ଆଂଚଲିକ୍ ସମ୍ବାଦ୍ର ସମିଆ ଆଏବାକାଏଲ୍ ଲାଗି ବଦ୍ଲାଯାଇଛେ । ଆଏବାକାଏଲ୍ ମଏଧାନର ଆଂଚଲିକ୍ ସମ୍ବାଦ୍ ଦିନର୍ ୨ ବାଜିକରି ୩୨ ମିନିଟ୍ ବଦ୍ଲା ଉପର୍ବେଲା ୪ ବଜେ ପ୍ରସାରଣ୍ କରାଯିବା ।

ଟ୍ରେନ୍ ବାତିଲ୍ ସମ୍ବଲ୍ପୁର୍ ସମ୍ବାଦଦାତା

ସମ୍ବଲ୍ପୁର୍ ରେଲ୍ମଣ୍ଡଲ୍ର ଭିନ୍ ଭିନ୍ ଜାଗା ନ ଭିତିଭୂମିର୍ ବିକାଶ୍ କାମ୍ ଲାଗି ଭିନ୍ ଭିନ୍ ଦିନ ୮ ଟା ଟ୍ରେନ୍ର ଚଲାଚଲ୍କେ ବାତିଲ୍ କରାଯାଇଛେ । ମିଲିଥିବା ସୂଚ୍ନା ଅନ୍ସାରେ ଆଏବା କାଏଲ୍ଠାନୁ ୨୪ ତାରିଖ୍ତକ୍

ସମ୍ବଲ୍ପୁର୍-ରାୟଗଡ଼ା-ସମ୍ବଲ୍ପୁର୍ ଏକ୍ସପ୍ରେସ୍, ରାୟପୁର-ବିଶାଖାପାଟ୍ନା-ରାୟପୁର, ବିଶାଖାପାଟ୍ନା-ଭବାନୀପାଟ୍ନା ସମ୍ବଲ୍ପୁର୍-ଜୁନାଗଡ଼୍, ଆର୍ ରାୟପୁର୍-ଜୁନାଗଡ଼୍ ପେସେଞ୍ଜର୍ ଟ୍ରେନ୍ ଦୁହିଆଡ୍ରୁ ବାତିଲ୍ ରହେବା । ଭବାନୀପାଟ୍ନା- ବିଶାଖାପାଟ୍ନା, ଜୁନାଗଡ଼୍ରୋଡ଼୍-ସମ୍ବଲ୍ପୁର୍ ଆଉ ଜୁନାଗଡ଼୍ରୋଡ଼୍-ରାୟପୁର୍ ପେସେଞ୍ଜର୍ ଟ୍ରେନ୍ ଆଏବା ୧୬ ନୁ ୨୫ ତାରିଖତକ୍ ବାତିଲ୍ ରହେବା ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଫେର୍ ତାତି ବଢ଼ିଛେ । ରାଜ୍ୟର୍ ସବୁନୁ ଜହ ତାତି ପାରଲାଖେମୁଣ୍ଡି ନ ୪୦ ଦଶ୍ମିକ୍ ୫ ଡିଗ୍ରୀ ସେଲ୍ସିଅସ୍ ଆର୍ ରାଜ୍ଧାନୀ ଭୁବ୍ନେଶ୍ୱର୍ ନ ଦିନର୍ ସବୁନୁ ଜହ ତାତି ୩୯ ଦଶ୍ମିକ୍ ୬ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼୍ କରାଯାଇଛେ । ପଶ୍ଚିମ ଓଡ଼ିଶାର୍ ସବୁ ଜାଗା ନ ଦିନର୍ ଜହ ତାତି ୩୫ ଡିଗ୍ରୀନୁ ୪୦ ଡିଗ୍ରୀ ସେଲ୍ସିଅସ୍ ଭିତ୍ରେ ରହିଥିଲା ।